## ସଂକ୍ଷେପରେ

### ସୁନା ଚୋରି କରି ସାବତ ପୁଅ ଗିରଫ

**ବ୍ରହ୍ମପୁର ଅଫିସ,୧୯।୩:** ବିଏନ୍‌ପୁର ଥାନା ଅନ୍ତର୍ଗତ ଗୋଇଲୁଣ୍ଡି ଫ୍ରେଣ୍ଡସ୍ କଲୋନୀରେ ଘଟିଥିବା ଏକ ଚୋରି ଘଟଣାର ପର୍ଦ୍ଦାଫାଶ୍ କରିଛି ପୋଲିସ। ମିଳିଥିବା ସୂଚନା ଅନୁଯାୟୀ, ଫ୍ରେଣ୍ଡସ୍ କଲୋନୀର ପି.ଜ୍ଞାନେଶ୍ୱରୀ ଗତ ୧୬ତାରିଖରେ ଥାନାରେ ଏକ ଅଭିଯୋଗ କରିଥିଲେ। ତାଙ୍କ ଆଲମିରାରୁ ସୁନା ଚେନ୍, କାନ ଫୁଲ ଓ ମୁଦି ଆଦି ମୋଟ ୭୫ ଗ୍ରାମର ସୁନା ଚୋରି ହୋଇଥିବା ଅଭିଯୋଗରେ ଦର୍ଶାଇଥିଲେ। ପୋଲିସ ନଂ. ୫୬/୧୯ରେ ଏକ ମାମଲା ରୁଜୁ କରିଥିଲା । ତଦନ୍ତ ବେଳେ ପି.ଜ୍ଞାନେଶ୍ୱରୀଙ୍କ ସାବତ ପୁଅ ଏମ୍.ରୋଶନ୍ କୁମାର ପାତ୍ର ଚୋରି କରିଥିବା ପୋଲିସ ଜାଣିବାକୁ ପାଇଥିଲା। ସେ ଚୋରି ସୁନାକୁ ହଞ୍ଜିଳି ଥାନା ଅର୍ନ୍ତଗତ କଞ୍ଚୁରୁ ବଡ଼ ସାହିର ଟୁକୁନା ସାହୁଙ୍କୁ ବିକ୍ରି କରିଥିଲେ। ଟୁକୁନା ସମ୍ପ୍ରତି ଗୋଇଲୁଣ୍ଡି ଚନ୍ଦ୍ରଶେଖର କଲୋନୀରେ ରହୁଛନ୍ତି। ପୋଲିସ ପ୍ରଥମେ ରୋଶନ୍‌ଙ୍କୁ ଏବଂ ପରେ ଟୁକୁନାଙ୍କୁ ଗିରଫ କରିଥିଲା । ଟୁକୁନାଙ୍କଠାରୁ ଚୋରି ସୁନା ଜବତ କରିଛି ।

### ଏକାଡେମୀ ଅଫ୍ ଟେକ୍ନୋକ୍ରାଟ୍‌ସର ବାର୍ଷିକ ଉତ୍ସବ




**ବ୍ରହ୍ମପୁର ଅଫିସ,୧୯।୩:** ଏକାଡେମୀ ଅଫ୍ ଟେକ୍ନୋକ୍ରାଟ୍‌ସର ବାର୍ଷିକ ଉତ୍ସବ ଟେକ୍ନୋୱେଭ୍‌ସ-୨୦୧୯ ମଙ୍ଗଳବାର ଟାଉନ୍‌ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌କେସିଜି ମେଡ଼ିକାଲ୍ କଲେଜ ଅଧ୍ୟକ୍ଷ ଡା. ରାଧାମାଧବ ତ୍ରିପାଠୀ ମୁଖ୍ୟଅତିଥି ଏବଂ ବ୍ରହ୍ମପୁର ରୋଲାଣ୍ଡ ଇଞ୍ଜିନିୟରିଂ କଲେଜର ଡା. ତାରିଣୀ ଚରଣ ତ୍ରିପାଠୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ନିର୍ଦ୍ଦେଶକ ଡା. ଦୀପକ ରଞ୍ଜନ ଦାସ ଏବଂ ଅଧ୍ୟକ୍ଷ ମୋନାଲିସା ବାରିକ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟାପକ ଅଜିତ କୁମାର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଅଧ୍ୟାପିକା ଅଧ୍ୟାପକ ଯଥା ପିଙ୍କି ଶତପଥୀ, ଶର୍ମିଷ୍ଠା ବହିଦାର, ଉମାଶଙ୍କର ସାହୁ, ବୀରେନ୍ ଦେବତା, ସ୍ୱପ୍ନାରାଣୀ ସାହୁ, ବିଷ୍ଣୁଚରଣ ସାହୁ, ସନ୍ତୋଷ କୁମାର ମହାରଣା, ବିବେକାନନ୍ଦ ପଟ୍ଟନାୟକ, ଦେବୀ ପଟ୍ଟନାୟକ, କୈଳାସ ପଲେଇ, ବିଜୟ ମହାନ୍ତି ଓ ବିଜୟ ପାଣିଗ୍ରାହୀ ଉପସ୍ଥିତ ଥିଲେ । ଅଧ୍ୟାପକ ବାଳକୃଷ୍ଣ ମିଶ୍ର ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

### ଚିତ୍ରାଳୟ ସଂଘ ବୈଠକ



**ବ୍ରହ୍ମପୁର ଅଫିସ,୧୯।୩:** ଓଡିଶା ଚିତ୍ରାଳୟ ମାଲିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମା' କାଳୁଆ କଲ୍ୟାଣ ମଣ୍ଡପରେ ଆୟୋଜିତ ବୈଠକରେ ସଂଘ ସଭାପତି ଦିଲୀପ କୁମାର ସାମନ୍ତରା ଅଧକ୍ଷତା କରିଥିଲେ । ଗତ ୯ ତାରିଖରେ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ସଂଘର ଅନ୍ୟତମ ସଦସ୍ୟ ଉଦୟନାଥ ସାବତଙ୍କ ସ୍ମୃତିଚାରଣ କରାଯାଇଥିଲା । କର୍ମକର୍ତ୍ତାମାନେ ସାବତଙ୍କର ସଂଘ ପ୍ରତି ଥିବା ଅବଦାନ ଉପରେ ସ୍ମୃତିଚାରଣ କରିଥିଲେ। ସୁଦୀପ କୁମାର ସାହୁଙ୍କୁ ଲୋକସମ୍ପର୍କ ଅଧକ୍ଷ, ଅଶ୍ୱିନୀ କୁମାର ମହାପାତ୍ରଙ୍କୁ ଆଇନ ପରାମର୍ଶଦାତା, ନବ କିଶୋର ମହାପାତ୍ରଙ୍କୁ ପ୍ରଚାର ପ୍ରସାର ସମ୍ପାଦକ ଭାବେ ଚୟନ କରାଯାଇଥିଲା । ବୈଠକରେ ଧ୍ରୁବ କୁମାର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ରାଜେନ୍ଦ୍ର ମିଶ୍ର, ସୁବାସ ପାତ୍ର ଓ ବୀରେନ୍ ପାଢୀଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଗଞ୍ଜାମ ଜିଲାରେ ୧୩ ବିଧାନସଭା କ୍ଷେତ୍ର

# କଂଗ୍ରେସରୁ ଜଣେ ବି ମହିଳାଙ୍କୁ କରାଯାଇନି ପ୍ରାର୍ଥୀ

**■ଜିଲା ମହିଳା କଂଗ୍ରେସ ସଭାପତିଙ୍କ ପ୍ରତିକ୍ରିୟା**
**■ବିଜେଡିରୁ ୫ ମହିଳାଙ୍କୁ ଟିକେଟ**
**■ପ୍ରାର୍ଥୀ ଘୋଷଣା କରିନି ଭାଜପା**

ବ୍ରହ୍ମପୁର ଅଫିସ,୧୯।୩

କଂଗ୍ରେସର ପ୍ରାର୍ଥୀ ତାଲିକା ଗତ ସୋମବାର ମଧ୍ୟରାତ୍ରିରେ ପ୍ରକାଶ ପାଇଛି । ଗଞ୍ଜାମ ଜିଲାର ୧୩ ବିଧାନସଭା ନିର୍ବାଚନ ମଣ୍ଡଳୀ ଥିବା ବେଳେ ଆସନ ବୁଝାମଣା ଅନୁସାରେ ଛତ୍ରପୁର ସେଗ୍‌ମେଣ୍ଟକୁ ଦଳ ସିପିଆଇକୁ ଛାଡ଼ିଦେଇଛି। ଅବଶିଷ୍ଟ ୧୨ ନିର୍ବାଚନମଣ୍ଡଳୀରୁ ଜଣେ ବି ମହିଳାଙ୍କୁ ଟିକେଟ ଦେଇନାହିଁ କଂଗ୍ରେସ ।

ସୂଚନାଯୋଗ୍ୟ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସ୍ୱରୂପା ତ୍ରିପାଠୀ ପିସିସି ନିର୍ବାଚନ କମିଟି ଓ ବ୍ରହ୍ମପୁର ଆସିଥିବା ଏଆଇସିସି ସ୍କ୍ରିନିଂ କମିଟି ସଦସ୍ୟଙ୍କ ନିକଟରେ ଆସିକା ସେଗ୍‌ମେଣ୍ଟରେ ପ୍ରାର୍ଥୀ ହେବାକୁ ଆବେଦନ କରିଥିଲେ। ଏକମାତ୍ର ମହିଳାଙ୍କୁ ପ୍ରାର୍ଥୀ କରାଯାଇ ନ ଥିବାରୁ ଏବେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ କଂଗ୍ରେସରେ ମହିଳାଙ୍କୁ ଅଗ୍ରାଧିକାର ଦିଆଯିବାର ଜାତୀୟ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କରିଥିବା ଘୋଷଣା ପ୍ରତାରଣା ହୋଇଥିବା ଦଳର ମହିଳା କର୍ମୀଙ୍କ ପକ୍ଷରୁ କଟାକ୍ଷ କରାଯାଇଛି । ବିଜେଡି ପକ୍ଷରୁ ଆସିକା ଲୋକ ସଭା ପାଇଁ ଜଣେ ଗ୍ରାମାଞ୍ଚଳ ସ୍ୱଳ୍ପ ଶିକ୍ଷିତ ବୟସ୍କା ମହିଳା ପ୍ରମିଳା ବିଶୋୟୀଙ୍କୁ ପ୍ରାର୍ଥୀ କରାଯାଇଥିବା ଘୋଷଣା ହୋଇଛି। ଏହା ସହିତ ଖଲ୍ଲିକୋଟ, କବିସୂର୍ଯ୍ୟନଗର ଓ ଆସିକା ବିଧାନସଭା ପାଇଁ ୩ ଜଣ ମହିଳାଙ୍କୁ ପ୍ରାର୍ଥୀ କରାଯାଇଛି। ମନ୍ତ୍ରୀ ଉଷା ଦେବୀଙ୍କୁ ପୁଣି ଚିକିଟି ଆସନରୁ ଏବଂ ବିଧାୟିକା ନନ୍ଦିନୀ ଦେବୀଙ୍କୁ ସାନଖେମୁଣ୍ଡି ସେଗମେଣ୍ଟରୁ ପୁନର୍ବାର ପ୍ରାର୍ଥୀ କରିଛି ବିଜେଡି। ୧୩ ନିର୍ବାଚନମଣ୍ଡଳୀ ମଧ୍ୟରୁ ୫ ମହିଳାଙ୍କୁ ବିଜେଡି ଟିକେଟ ଦେଇ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ମହିଳା କାର୍ଡର ଚମକ ଦେଖାଇଛନ୍ତି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଭାଜପା ପ୍ରାର୍ଥୀ ତାଲିକା ପ୍ରକାଶ ପାଇ ନ ଥିବାରୁ କେତେଜଣ ମହିଳାଙ୍କୁ ଟିକେଟ ଦିଆଯିବ ତାହା ଅସ୍ପଷ୍ଟ ରହିଛି ।

ଭଞ୍ଜନଗର ପାଇଁ ସଞ୍ଜୟ କୁମାର ତ୍ରିପାଠୀ, ପୋଲସରାରେ ହରିଚରଣ ସ୍ୱାଇଁ, କବିସୂର୍ଯ୍ୟନଗରରେ ବିଜୟ କୁମାର ସାହୁ ଓ ମନୋଜ କୁମାର ଜେନାଙ୍କୁ କଂଗ୍ରେସ ଆସିକା ପାଇଁ ପ୍ରାର୍ଥୀ କରିଛି । ସେହିପରି ହିଞ୍ଜିଳିକାଟୁ ପାଇଁ ରାମକୃଷ୍ଣ ପଣ୍ଡା, ଗୋପାଳପୁର ଏସ. ଧର୍ମାରାଜୁ ରେଡ୍ଡୀ, ଦିଗପହଣ୍ଡି ବିସ୍ମୟ ମହାପାତ୍ର, ଚିକିଟି ସୁବାସ ଚନ୍ଦ୍ର ରାଉତ ଏବଂ ଗୁରୁତ୍ୱପୂର୍ଣ୍ଣ ସେଗମେଣ୍ଟ ବ୍ରହ୍ମପୁର ପାଇଁ ଲିଙ୍ଗରାଜ ଚୌଧୁରୀ ପ୍ରାର୍ଥୀ ହୋଇଛନ୍ତି। ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କୁ ସାନଖେମୁଣ୍ଡି ଆସନରେ ପ୍ରାର୍ଥୀ କରାଯାଇଛି। ଘୋଷିତ ୧୦ ପ୍ରାର୍ଥୀଙ୍କ ମଧ୍ୟରେ ୯ ଜଣ ନୂଆ ମୁହଁ ଅଛନ୍ତି । ସୋରଡ଼ା ଓ ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ଏଯାବତ ଘୋଷଣା ହୋଇ ନ ଥିବା ଜିଲା ସଭାପତି ଡା. ତ୍ରିନାଥ ବେହେରା ସୂଚନା ଦେଇଛନ୍ତି। ପିସିସି ଓ ଏଆଇସିସି ପକ୍ଷରୁ ଗଞ୍ଜାମ ଜିଲାରେ ଜଣେ ବି ମହିଳାଙ୍କୁ ପ୍ରାର୍ଥୀ କରି ନ ଥିବାରୁ ସଭାପତି ବେହେରା କ୍ଷୋଭ ପ୍ରକାଶ କରିଛନ୍ତି। ଜିଲାରେ ଏକମାତ୍ର ଆଶାୟୀ ମହିଳାଙ୍କୁ ପ୍ରାର୍ଥୀ କରାଯାଇ ନ ଥିବାରୁ ଗଞ୍ଜାମ ମହିଳା କଂଗ୍ରେସ ସଭାନେତ୍ରୀ ଆଇନଜୀବୀ ସ୍ୱରୂପା ତ୍ରିପାଠୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆପରାଧିକ ରେକର୍ଡ ଥିବା ବ୍ୟକ୍ତିଙ୍କୁ କଂଗ୍ରେସ ପ୍ରାର୍ଥୀ କରୁଥିବାରୁ ଦଳ ନିର୍ବାଚନୀ ପ୍ରଚାର କରିବା ନିମନ୍ତେ ଲଜ୍ଜା ଲାଗିବ ବୋଲି ସେ ଦର୍ଶାଇଛନ୍ତି। ସେ ଆହୁରି କହିଛନ୍ତି, ମଙ୍ଗଳବାର ଭୁବନେଶ୍ୱର ଯାଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଭେଟିଥିଲେ। ସେ ଆବଶ୍ୟକସ୍ଥଳେ ପ୍ରାର୍ଥୀ ପରିବର୍ତ୍ତନ ହେବାର ସୂଚାଇଥିଲେ। ପ୍ରଦେଶ ମହିଳା କଂଗ୍ରେସ ସଭାପତିଙ୍କୁ ଭେଟିବା ବେଳେ ତାଙ୍କୁ ମଧ୍ୟ ପ୍ରାର୍ଥୀ କରାଯାଇ ନ ଥିବା କହି ସେ ହାତ ଟେକି ଦେଇଥିବା ସ୍ୱରୂପା ଏଠାରେ ସୂଚାଇଛନ୍ତି ।

## ସେଲ୍ଫି କର୍ଣ୍ଣର



କାହ୍ନୁ



ପ୍ରକାଶ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



**ଆଜି ବିଶ୍ୱ ଘରଚଟିଆ ଦିବସ:** ଏହି ଉପଲକ୍ଷେ ବ୍ରହ୍ମପୁରର ସତ୍ୟ ନାରାୟଣ ମହାରଣା କାଗଜରେ ଘରଚଟିଆ ପ୍ରସ୍ତୁତ କରି ଦେଖାଉଛନ୍ତି ।

## ରସାୟନ ବିଜ୍ଞାନରେ ୫ ଧନ୍ଦାମୂଳକ ଶିକ୍ଷାରେ ଜଣେ ମାଲପ୍ରାକ୍ଟିସ

ବ୍ରହ୍ମପୁର ଅଫିସ,୧୯।୩

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ସଞ୍ଚାଳିତ ଯୁକ୍ତ ୨ ବିଜ୍ଞାନ ରସାୟନ ବିଜ୍ଞାନ, ବାଣିଜ୍ୟ ବିଏମ୍ଏସ୍ (ବିଜିନେସ ମାଥ୍‌ମେଟିକ୍ସ ଆଣ୍ଡ ଷ୍ଟାଟିଷ୍ଟିକ୍ସ) ଓ ଧନ୍ଦାମୂଳକ ଶିକ୍ଷାର ଆଧୁନିକ ଭାରତୀୟ ଭାଷା (ଓଡ଼ିଆ) ପରୀକ୍ଷା ଦକ୍ଷିଣାଞ୍ଚଳ ଅଧୀନ ୮ ଜିଲାର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ମଙ୍ଗଳବାର ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି । ମଙ୍ଗଳବାର ବିଭିନ୍ନ କେନ୍ଦ୍ର ପରିଦର୍ଶନ ସମୟରେ ଜୋନାଲ, ଡିଏଲସି. ଓ ଇଣ୍ଟରନାଲ ସ୍କ୍ୱାଡ୍ ଦ୍ୱାରା ୬ ଜଣ ପରୀକ୍ଷାର୍ଥୀ କପି ଅଭିଯୋଗରେ ବୁକ ହୋଇଥିବା ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝାଙ୍କ ସୌଜନ୍ୟରୁ ଜଣାପଡ଼ିଛି। ଗଞ୍ଜାମ ଜିଲା ଖଲ୍ଲିକୋଟ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ଉଚ୍ଚ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ ରସାୟନ ବିଜ୍ଞାନରେ କପି କରି ଜୋନାଲ ସ୍କ୍ୱାଡ୍ ଦ୍ୱାରା ଧରା ପଡ଼ିଥିବା ବେଳେ ଡୁରା ରାମ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଜଣେ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାର୍ଥୀ ଆଧୁନିକ ଭାରତୀୟ ଭାଷା (ଓଡ଼ିଆ)ରେ କପି କରି ଇଣ୍ଟରନାଲ ସ୍କ୍ୱାଡ୍ ହାତରେ ଧରା ପଡ଼ିଛନ୍ତି । ସେହିପରି କନ୍ଧମାଳ ଜିଲା ରାଇକିଆ ଜୀବନ ଜ୍ୟୋତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ ଡିଏଲସିସ୍ତରୀୟ ସ୍କ୍ୱାଡ୍ ଦ୍ୱାରା ଧରା ହୋଇଥିବା ବେଳେ ରାୟଗଡ଼ା ଜିଲା ଗୁଡ଼ାରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ, ରାୟଗଡ଼ା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ଓ ନବରଙ୍ଗପୁର ଜିଲାର ନବରଙ୍ଗପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ବିଦ୍ୟାର୍ଥୀ ଏବଂ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ କପି ଅଭିଯୋଗରେ ଡିଏଲସିସ୍ତରୀୟ ସ୍କ୍ୱାଡ୍ ହାତରେ ଧରା ପଡ଼ିଥିବା ଉପସଚିବ ଡ. ଓଝା ସୂଚନା ଦେଇଛନ୍ତି ।

## ୧୦ ଦିନ ପରେ ମା' ବୁଢ଼ୀଠାକୁରାଣୀ ଯାତ୍ରା

### ଅସ୍ଥାୟୀ ମଣ୍ଡପ ପିଣ୍ଡି ନିର୍ମାଣ କାର୍ଯ୍ୟ ଆରମ୍ଭ

ବ୍ରହ୍ମପୁର ଅଫିସ,୧୯।୩

ବ୍ରହ୍ମପୁରର ପ୍ରସିଦ୍ଧ ମା' ବୁଢୀଠାକୁରାଣୀଙ୍କ ଯାତ୍ରାକୁ ଆଉ ମାତ୍ର ୧୦ ଦିନ ବାକି ରହିଛି । ଯାତ୍ରା ଯେତେ ପାଖେଇ ଆସୁଛି ସେତେ ଚଳଚଞ୍ଚଳ ହୋଇଉଠୁଛି ବ୍ରହ୍ମପୁର ବଡବଜାର ଅଞ୍ଚଳର ଦେଶୀବେହେରା ସାହି। ଚଳିତ ମାସ ୨୯ରେ ଯାତ୍ରା ଆରମ୍ଭ ତଥା ମା' ନିଜ ମନ୍ଦିରରୁ ବାହାରି ଅସ୍ଥାୟୀ ମଣ୍ଡପକୁ ବିଜେ କରିବେ । ଏଥିପାଇଁ ମା'ଙ୍କ ବାପଘର କୁହାଯାଉଥିବା ପି. ଦୁର୍ଗା ପ୍ରସାଦ ଦେଶୀବେହେରାଙ୍କ ଘରେ ମଧ୍ୟ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ମା'ଙ୍କ ଅସ୍ଥାୟୀ ମଣ୍ଡପ କାର୍ଯ୍ୟ ମଧ୍ୟ ଜୋରସୋରରେ ଚାଲିଛି। ଗତ ବୁଧବାର ରାତିରେ ଛତ୍ରପୁର ପାଖ ଟାକିରିଆ ଅଞ୍ଚଳରୁ କାଠ ପହଞ୍ଚିବା ପରେ ସୋମବାର ସୁଦ୍ଧା ମା' ଅସ୍ଥାୟୀ ମଣ୍ଡପର ପ୍ରାରମ୍ଭିକ ପର୍ଯ୍ୟାୟ ଶେଷ ହୋଇଛି। ଏହାପରେ ମଙ୍ଗଳବାରରୁ ଅସ୍ଥାୟୀ ମଣ୍ଡପ ପିଣ୍ଡି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପାରମ୍ପରିକ ଭାବେ ୧୬ ଫୁଟ ଓସାର, ୧୬ ଫୁଟ ଦୈର୍ଘ୍ୟ. ୩ ଫୁଟ ଉଚ୍ଚତା ବିଶିଷ୍ଟ ଏହି ଅସ୍ଥାୟୀ ମଣ୍ଡପ ପିଣ୍ଡି ନିର୍ମାଣ କାର୍ଯ୍ୟ ବୁଧବାର ସୁଦ୍ଧା ଶେଷ ହେବ ବୋଲି ଯାତ୍ରା ମୁଖ୍ୟ ପି. ଦୁର୍ଗାପ୍ରସାଦ ଦେଶୀବେହେରା ସୂଚାଇଛନ୍ତି। ଏହାପରେ ଗୁରୁବାରରୁ ପିଣ୍ଡିର ସମତୁଲ କାର୍ଯ୍ୟ ଏବଂ ପରେ ମଣ୍ଡପ ଛାତ କାର୍ଯ୍ୟ ଆରମ୍ଭ ହେବ ବୋଲି ଯାତ୍ରା ସଂଯୋଜକ ସତ୍ୟନାରାୟଣ ନନ୍ଦ ସୂଚାଇଛନ୍ତି । ଅପରପାର୍ଶ୍ୱରେ ଯାତ୍ରା ପାଖେଇ ଆସୁଥିବା ବେଳେ ବଡବଜାର ଅଞ୍ଚଳର ସମସ୍ତ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି। ଦେଶୀବେହେରା ସାହି ବ୍ୟବସାୟୀ ସଂଘ ପକ୍ଷରୁ ଆସନ୍ତା ସୋମବାରରୁ ଛାମୁଣ୍ଡି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବାକୁ ଥିବା ମଧ୍ୟ ଜଣାପଡିଛି।



ମା' ବୁଢୀଠାକୁରାଣୀଙ୍କ ଅସ୍ଥାୟୀ ମଣ୍ଡପ ପିଣ୍ଡି ନିର୍ମାଣ କରାଯାଉଛି ।

## ଗଞ୍ଜାମ ଓକିଲ ସଂଘ ନିର୍ବାଚନ

# ସଭାପତି ପଦରେ ତ୍ରିମୁଖୀ ଲଢ଼େଇ

ବ୍ରହ୍ମପୁର ଅଫିସ,୧୯।୩

ଗଞ୍ଜାମ ଓକିଲ ସଂଘ ନିର୍ବାଚନ ପାଇଁ ସୋମବାର ଏବଂ ମଙ୍ଗଳବାର ଦୁଇ ଦିନ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ ଚାଲିଥିଲା । ମଙ୍ଗଳବାର ଅପରାହ୍ନ ୩ଟାରେ ପ୍ରାର୍ଥିପତ୍ର ଦାଖଲ ଶେଷ ହୋଇଥିଲା। ପରେ ପ୍ରାର୍ଥିପତ୍ର ଯାଞ୍ଚ କରାଯାଇଥିଲା। ଚଳିତ ଥର ସଭାପତି ପଦବୀ ପାଇଁ ୩ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନେ ହେଲେ ଜନାର୍ଦ୍ଦନ ସୁବୁଦ୍ଧି, ରବୀନ୍ଦ୍ରନାଥ ପାଣିଗ୍ରାହୀ ଏବଂ ଶତ୍ରୁଘ୍ନ ପାତ୍ର। ଉପସଭାପତି ପାଇଁ ୪ଜଣ ରହିଛନ୍ତି। ସେମାନେ ହେଲେ ଚିତ୍ତରଞ୍ଜନ ଶତପଥୀ, ଦିଲୀପ କୁମାର ପାତ୍ର, ହରି କୃଷ୍ଣ ପଟ୍ଟନାୟକ ଏବଂ ଶରତ କୁମାର ପାଢୀ। ସମ୍ପାଦକ ପଦବୀରେ ଜ୍ୟୋତି ପ୍ରସାଦ ଛୋଟରାୟ, କୈଳାସ ଚନ୍ଦ୍ର ପାଣିଗ୍ରାହୀ, ପ୍ରଦୀପ ବେହେରା, ପ୍ରକାଶ ଚନ୍ଦ୍ର ଦାସ ଏବଂ ରାମକୃଷ୍ଣ ମହାରଣା ପ୍ରାର୍ଥୀ ରହିଛନ୍ତି । ଯୁଗ୍ମ ସମ୍ପାଦକ ପଦବୀ ପାଇଁ ହେମନ୍ତ ପଣ୍ଡା, କିରନ କୁମାର ମଣ୍ଡଳ ଏବଂ ସୋମନାଥ ମହାରଣା ନିର୍ବାଚନ ଲଢ଼ିବେ। ୨୦ତାରିଖ ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନାମାଙ୍କନପତ୍ର ପ୍ରତ୍ୟାହାର ଲାଗି ଧାର୍ଯ୍ୟ କରାଯାଇଛି। ୨୦ତାରିଖ ଅପରାହ୍ନରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୩୦ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ। ସାଢ଼େ ୪ଟା ପରଠୁ ଭୋଟ ଗଣତି ହେବ। ଗଣତି ପରେ ବିଜୟୀଙ୍କ ନାମ ଘୋଷଣା ହେବ ବୋଲି ନିର୍ବାଚନ ଅଧିକାରୀ ସୁଧାଂଶୁ ଶେଖର ପଣ୍ଡା ପ୍ରକାଶ କରିଛନ୍ତି ।



ସମ୍ପାଦକ ପଦବୀ ପାଇଁ ପ୍ରଦୀପ ବେହେରା ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି ।

## କଂଗ୍ରେସରୁ ଇସ୍ତଫା ଦେଲେ ନିରଞ୍ଜନ

ବ୍ରହ୍ମପୁର ଅଫିସ,୧୯।୩

ଗଞ୍ଜାମ ଜିଲାରେ କଂଗ୍ରେସ ପ୍ରାର୍ଥୀ ଚୟନରେ ଗୁରୁତର ବିଭ୍ରାଟ ହୋଇଛି। ରାଜ୍ୟ କଂଗ୍ରେସ ବିଜେଡି ସହ ଭିତିରି ସମ୍ପର୍କ ରଖି ଟିକେଟ ବଣ୍ଟନ କରୁଥିବା ପ୍ରଦେଶ କଂଗ୍ରେସ ଶୃଙ୍ଖଳା କମିଟି ସଦସ୍ୟ ତଥା ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ନିରଞ୍ଜନ ପାଣିଗ୍ରାହୀ ମଙ୍ଗଳବାର ସଙ୍ଗିନ ଅଭିଯୋଗ କରିଛନ୍ତି । ଏହାର ପ୍ରତିବାଦରେ ସେ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି । ତାଙ୍କ ସହ ହିଞ୍ଜିଳି ନିର୍ବାଚନମଣ୍ଡଳୀର ଶତାଧିକ ଦଳୀୟ କର୍ମୀ ମଧ ଇସ୍ତଫା ଦେଇଥିବା ପାଣିଗ୍ରାହୀ ଗଣମାଧ୍ୟମକୁ ଲିଖିତ ଭାବେ ଜଣାଇଛନ୍ତି। ସମସ୍ତଙ୍କ ଇସ୍ତଫାପତ୍ର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିକଟକୁ ପଠାଯାଇଥିବା ସେ ଦର୍ଶାଇଛନ୍ତି ।

## କ୍ରିକେଟ ଟୁର୍ନାମେଣ୍ଟ: ସେମିଫାଇନାଲରେ ଲିଡ୍‌ସ, ଖଲ୍ଲିକୋଟ

ବ୍ରହ୍ମପୁର ଅଫିସ,୧୯।୩

ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଚାଲିଥିବା ଏଲ୍.ପଦ୍ମାବତୀ ସ୍ମାରକୀ କ୍ରିକେଟ ଟ୍ରଫି ଫାଇନାଲ୍‌ରେ ଲିଡ୍‌ସ ସ୍ପୋର୍ଟିଂ କ୍ଲବ ଓ ଖଲ୍ଲିକୋଟ ଦଳ ପ୍ରବେଶ କରିଛି। ମଙ୍ଗଳବାର ପ୍ରଥମ ମ୍ୟାଚ୍ ଲିଡ୍‌ସ ଓ ଷ୍ଟାର୍ ଇଲେଭେନ୍ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଲିଡ୍‌ସ ଦଳ ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ ଉଇକେଟ୍ ହରାଇ ୧୬୫ରନ୍ କରିଥିଲା। ଦଳ ପକ୍ଷରୁ ସୂର୍ଯ୍ୟନାରାୟଣ ଗୌଡ଼ ୪୪, ସିଦ୍ଧାନ୍ତ ଏକ୍କା ୩୪ ଏବଂ ଚନ୍ଦନ ପ୍ରଧାନ ୩୨ରନ୍ କରିଥିଲେ। ଷ୍ଟାର୍ ଇଲେଭେନ୍‌ର ବିନୋଦ ସଫଳ ବୋଲର ଭାବେ ୨ଟି ଉଇକେଟ୍ ନେଇଥିଲେ। ଷ୍ଟାର୍ ଇଲେଭେନ୍ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲା। ୨୦ଓଭର୍‌ରେ ୯ ଉଇକେଟ୍ ହରାଇ ୧୫୦ରନ୍ କରିଥିଲା। ସଂଘର୍ଷ କରିଥିଲେ ମଧ ଜିତିପାରି ନ ଥିଲା। ସୁନିଲ ପାଣିଗ୍ରାହୀ ୬୩ ଓ ଆୟୁଷକାନ୍ତ ପଣ୍ଡା ୨୯ରନ୍ କରିଥିଲେ। ବ୍ୟାଟିଂ ଭଳି ଲିଡ୍‌ସର ସୂର୍ଯ୍ୟନାରାୟଣ ଗୌଡ଼ ଚମତ୍କାର ବୋଲିଂ କରିଥିଲେ। ସେ ୩ ଉଇକେଟ୍ ନେଇଥିବା ବେଳେ ସମୀର ସାହୁ ଓ ସତ୍ୟବ୍ରତ ସାହୁ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ସୂର୍ଯ୍ୟଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଦାନ କରାଯାଇଥିଲା। ଶିଶିର କୁମାର ଭୋଳ ଓ ସରୋଜ କୁମାର ପାଢୀ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଦ୍ୱିତୀୟ ମ୍ୟାଚ୍ ଖଲ୍ଲିକୋଟ ଓ ଅକ୍ସଫୋର୍ଡ଼ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଖଲ୍ଲିକୋଟ ଦଳ ୧୯ଓଭର୍ ୪ ବଲ୍‌ରେ ସମସ୍ତ ଉଇକେଟ୍ ହରାଇ ୧୪୨ରନ୍ କରିଥିଲା । ଶ୍ରୀକାନ୍ତ ଗୌଡ଼ ୨୮ ଏଓ କାହ୍ନା ବାରିକ ୨୪ରନ୍ କରିଥିଲେ। ଅକ୍ସଫୋର୍ଡ଼ର ପି. ସନ୍ତୋଷ ରେଡ୍ଡୀ ୪, ସୂର୍ଯ୍ୟ ପଟ୍ଟନାୟକ ୩ ଏବଂ ଶ୍ୟାମ ସୁନ୍ଦର ନାୟକ ୨ ଉଇକେଟ୍ ନେଇଥିଲେ। ଅକ୍ସଫୋର୍ଡ଼ ଦଳ ୧୯ ଓଭର୍ ୩ ବଲ୍‌ରେ ସମସ୍ତ ଉଇକେଟ୍ ହରାଇ ୧୩୭ ରନ୍ କରି ମାତ୍ର ୫ରନ୍‌ରେ ହାରିଥିଲା। ସୌମ୍ୟରଞ୍ଜନ ବେହେରା ୩୭, ତାପସ ପାତ୍ର ୨୨ରନ୍ କରିଥିଲେ। ଖଲ୍ଲିକୋଟର ଶ୍ରୀକାନ୍ତ ଗୌଡ଼ ୩ ଉଇକେଟ୍ ନେଇଥିଲେ। ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଦାନ କରାଯାଇଥିଲା।



ଲିଡ୍‌ସ ଏବଂ ଷ୍ଟାର୍ ଇଲେଭେନ୍ ମଧ୍ୟରେ ମ୍ୟାଚ୍ ଚାଲିଛି।

## ମେଗା ଭେଣ୍ଡର ଡେଭଲପ୍‌ମେଣ୍ଟ କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୧୯।୩

ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗୀ ସଂଘ(ଓସ୍‌ମେ), ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିକାଶ ସଂସ୍ଥାନ(ଏମ୍‌ଏସ୍‌ଏମ୍‌ଇଡିଆଇ) ଏବଂ ଜାତୀୟ ଅନୁସୂଚିତ ଜାତି ଓ ଜନଜାତି ହବ୍‌ର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲ୍‌ରେ ମେଗା ଭେଣ୍ଡର ଡେଭଲପ୍‌ମେଣ୍ଟ ତଥା କ୍ରେତା-ବିକ୍ରେତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏମ୍‌ଏସ୍‌ଏମ୍‌ଇଡିଆଇର ନିର୍ଦ୍ଦେଶକ ଡ. ଏସ୍.କେ. ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଜାତୀୟ ଅନୁସୂଚିତ ଜାତି ଓ ଜନଜାତି ହବ୍ ପରିଚାଳକ ଶୁଭାଶିଷ ଦାସ, ଭାରତୀୟ ବିରଳ ମୃତ୍ତିକାର କେ.ଭି.ରାମକ୍ରିଷ୍ଣା, ଗୋପାଳପୁର ପୋର୍ଟ ଲିମିଟେଡ୍ ସିଇଓ ସନ୍ଦୀପ ଅଗ୍ରୱାଲ୍, ଟାଟା ଷ୍ଟିଲ୍ ଏସ୍‌ଇଜେଡ୍ ଉପସଭାପତି ସୁଶାନ୍ତ କୁମାର ମିଶ୍ର, ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ୟୁନିଟ୍ ମୁଖ୍ୟ ଏସ୍.ଏସ୍. ପାରିକ୍, ସରାଫ୍ ଏଜେନ୍ସି ପ୍ରାଇଭେଟ୍ ଲିମିଟେଡ୍‌ର ଡ. ଭି.ବି.କେ. ଭୂର୍ତ୍ତି ଏବଂ ଆସିକା ଚିନି କଳ ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଓସ୍‌ମେର ଅଧ୍ୟକ୍ଷ ଗୌରୀଶଙ୍କର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ମହାସଚିବ ସାତ୍ତ୍ୱିକ୍ ସ୍ୱାଇଁ କି-ନୋଟ୍ ପ୍ରଦାନ କରିଥିଲେ। ରାଷ୍ଟ୍ରାୟାତ୍ତ ଏବଂ ବେସରକାରୀ ବୃହତ୍ ଶିଳ୍ପଗୁଡ଼ିକ କିପରି କ୍ଷୁଦ୍ର ଏବଂ ମଧ୍ୟ ଶିଳ୍ପମାନଙ୍କୁ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଧି ବ୍ୟବସ୍ଥା ଅନୁସାରେ ସହଯୋଗ କଲେ ସେମାନେ ବଜାର ସହ ନିଜକୁ ଖାପ ଖୁଆଇ ଚାଲିପାରିବେ, ସେ ନେଇ ଆଲୋଚନା ହୋଇଥିଲା। ନିଜର ବ୍ୟବସାୟକୁ ଆଗକୁ ବଢ଼ାଇ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ପ୍ରିକିଓରମେଣ୍ଟ ପଲିସିକୁ ବୃହତ ଶିଳ୍ପମାନଙ୍କ ଦ୍ୱାରା ଠିକ୍ ଭାବେ ପାଳନ ପାଇଁ ଦାବି କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ୨୫ ପ୍ରତିଶତ ସାମଗ୍ରୀ କ୍ରୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଯାହା ଦ୍ୱାରା ରାଜ୍ୟରେ ହଜାର ହଜାର ଏମ୍‌ଏସ୍‌ଏମ୍‌ଇ ଶିଳ୍ପ ସଂସ୍ଥା ଉପକୃତ ହୋଇପାରିବ ବୋଲି ଆଲୋଚନା ହୋଇଥିଲା। ଅଧିକରୁ ଅଧିକ ଭେଣ୍ଡର ପଞ୍ଜୀକରଣ ହେଲେ ରାଜ୍ୟର ଶିଳ୍ପୋଦ୍ୟୋଗୀମାନେ ଉପକୃତ ହୋଇପାରିବେ ବୋଲି ଶିଳ୍ପ ସଂଘ ତରଫରୁ ଦାବି ହୋଇଛି । ଶେଷରେ ଓସ୍‌ମେ ଉପସଭାପତି ଏନ୍. ପ୍ରକାଶ ରାଓ ଧନ୍ୟବାଦ ଦେଇଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨ଶହ ଶିଳ୍ପୋଦ୍ୟୋଗୀ ଏଥିରେ ଭାଗ ନେଇଥିଲେ ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

## ସଂକ୍ଷେପରେ

### ଫୁଲବାଣୀରେ ବ୍ୟୟ ପର୍ଯ୍ୟବେକ୍ଷକ

**ଫୁଲବାଣୀ ଅଫିସ, ୧୯।୩:** ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା କନ୍ଧମାଳ ଜିଲା ପାଇଁ ନିଯୁକ୍ତି ପାଇଥିବା ବ୍ୟୟ ପର୍ଯ୍ୟବେକ୍ଷକ ରାମେଶ୍ୱର ମୀନା ମଙ୍ଗଳବାର ଫୁଲବାଣୀରେ ପହଞ୍ଚିଛନ୍ତି। ପଞ୍ଚାୟତ ଭବନ ସମ୍ମିଳନୀ କକ୍ଷରେ ସେ ସାଧାରଣ ନିର୍ବାଚନ ପାଇଁ ନିଯୁକ୍ତି ପାଇଥିବା ସହକାରୀ ବ୍ୟୟ ପର୍ଯ୍ୟବେକ୍ଷକ, ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍, ଭିଡିଓ ସର୍ଭେଲାନ୍ସ ଟିମ୍, ଆକାଉଣ୍ଟ ଟିମ୍, ଫ୍ଲାଇଙ୍ଗ୍ ସ୍କ୍ୱାଡ, ସେକ୍ଟର ଅଫିସର, ମିଡିଆ ସାର୍ଟିଫିକେସନ୍ ଓ ମନିଟରିଂ ଟିମ୍‌ର ସମସ୍ତ ସଦସ୍ୟମାନଙ୍କୁ ନିର୍ବାଚନର ଅବ୍ୟବହିତ ପୂର୍ବରୁ ସେମାନଙ୍କ କାର୍ଯ୍ୟାବଳୀ ଉପରେ ସମ୍ୟକ ଧାରଣା ଦେଇଛନ୍ତି। ବିଶେଷକରି ସହକାରୀ ବ୍ୟୟ ପର୍ଯ୍ୟବେକ୍ଷକମାନେ ସ୍ୟାଡୋ ରେଜିଷ୍ଟର ଏବଂ ପ୍ରାର୍ଥୀଙ୍କର ହିସାବ ରେଜିଷ୍ଟରକୁ ମିଳେଇବା ବେଳେ ଯତ୍ନବାନ ହେବାକୁ ଗୁରୁତ୍ୱ ଦେଇଥିଲେ। ସେହିପରି ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ୫୦ ହଜାରରୁ ଅଧିକ ଟଙ୍କା ଆକାରରେ ଠାବ କଲେ ଆୟକର ବିଭାଗକୁ ତୁରନ୍ତ ଜଣାଇବାକୁ ପରାମର୍ଶ ଦେଇଥିଲେ। ପ୍ରାର୍ଥୀଙ୍କର ନିର୍ବାଚନ ଖର୍ଚ୍ଚ ହିସାବ ବେଳେ ସେମାନଙ୍କୁ ଦିଆଯାଇଥିବା ଦର ତାଲିକାକୁ ଯତ୍ନର ସହ ଦେଖିବା ଦରକାର ବୋଲି ଜିଲାପାଳ ଡା.ବୃନ୍ଦା ଡି. କହିଥିଲେ। ସେହିପରି ଏସ୍‌ପି ପ୍ରତୀକ୍ ସିଂ ଆଦର୍ଶ ଆଚରଣ ବିଧି ଉଲଂଘନ ଉପରେ ବିସ୍ତୃତ ଆଲୋଚନା କରିବା ସହ ଆବଶ୍ୟକ ପଡ଼ିଲେ ନିକଟସ୍ଥ ଥାନାର ସହଯୋଗ ନେବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକଙ୍କ ସମେତ ନିର୍ବାଚନରେ ନିୟୋଜିତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

### ମାଓବାଦୀ ବ୍ୟାନର, ପୋଷ୍ଟର ହଟାଇଲା ପୋଲିସ: ମାମଲା ରୁଜୁ

**ଦାରିଙ୍ଗବାଡ଼ି, ୧୯।୩(ଡି.ଏନ.ଏ):** ଦାରିଙ୍ଗବାଡ଼ି ଥାନା କନ୍ଦିବାନ୍ଧା ଅଞ୍ଚଳରେ ରବିବାର ଦେଖାଯାଇଥିବା ମାଓବାଦୀ ପୋଷ୍ଟର ଏବଂ ଲାଲ୍ ବ୍ୟାନରକୁ ପୋଲିସ ଜବତ କରିଛି। ଏ ନେଇ ଏକ ମାମଲା (ନଂ.୨୬/୧୯) ରୁଜୁ କରାଯାଇଛି। ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହ ମୁକ୍ତ ଏବଂ ଅବାଧ ନିର୍ବାଚନ ହେବା ନିୟମକୁ କଡ଼ାକଡ଼ି ପାଳନ କରାଯିବ ବୋଲି ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି। ଜନସାଧାରଣଙ୍କ ଗଣତାନ୍ତ୍ରିକ ଅଧିକାରକୁ କ୍ଷୁର୍ଣ୍ଣ କରିବାକୁ ମାଓବାଦୀଙ୍କ ପକ୍ଷରୁ ଉଦ୍ୟମ କରାଯାଉଥିବା ଓ ବ୍ୟାନର ପୋଷ୍ଟର ମାଧ୍ୟମରେ ଅପପ୍ରଚାର କରାଯାଉଥିବା ପୋଲିସ କହିଛି। ଅଞ୍ଚଳରେ ରାତି ପାଟ୍ରୋଲିଂ ଜୋରଦାର କରାଯାଉଛି। ଦାରିଙ୍ଗବାଡ଼ି ଅଞ୍ଚଳରେ ୩୪୩ ଜଣଙ୍କ ନାମରେ ବିଭିନ୍ନ ମାମଲା ରହିଥିବା ବେଳେ ଏନ୍‌ବିଡବ୍ଲ୍ୟୁ ବଳରେ ମଙ୍ଗଳବାର ସୁଦ୍ଧା ଏହି ଥାନା ଅଧୀନ ୧୫ ପଞ୍ଚାୟତ ଅଞ୍ଚଳରୁ ୬୦ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, କନ୍ଧମାଳ ଜିଲା ଅଞ୍ଚଳରେ ମାଓବାଦୀମାନେ ପୋଷ୍ଟର, ବ୍ୟାନର ଲଗାଇ ସେମାନଙ୍କ ଉପସ୍ଥିତି ଜାହିର କରୁଛନ୍ତି। କିଛିଦିନ ହେଲା ମରାଯାଉଥିବା ପୋଷ୍ଟର, ବ୍ୟାନର ମାଧ୍ୟମରେ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବା ପାଇଁ ନିବେଦନ କରୁଛନ୍ତି। ଏପରିକି କେହି ଭୋଟ ଭିକ୍ଷା କରିବାକୁ ଗଲେ ଗୋଡ଼ାଇ ମାରନ୍ତୁ ଏବଂ ପ୍ରକୃତ ଗଣତନ୍ତ୍ର, ଜନ ବିକାଶ ପାଇଁ ବିପ୍ଳବୀ ଗଣ କମିଟି ପ୍ରତିଷ୍ଠା କରିବାକୁ ପୋଷ୍ଟର, ବ୍ୟାନରରେ ଉଲ୍ଲେଖ କରୁଛନ୍ତି।

# ପ୍ରାର୍ଥୀ ଘୋଷଣା ପରେ କଂଗ୍ରେସ ଶିବିର ସ୍ତବ୍ଧ

**ଫୁଲବାଣୀ ଅଫିସ, ୧୯।୩**


ମନୋଜ ଆଚାର୍ଯ୍ୟ
ଏମ୍‌ପି ପ୍ରାର୍ଥୀ।


କିଶୋର କହଁର
ବିଧାୟକ ପ୍ରାର୍ଥୀ


ସିମନ ମଲ୍ଲିକ
ବିଧାୟକ ପ୍ରାର୍ଥୀ

ବିଜେଡି ପ୍ରାର୍ଥୀ ଘୋଷଣା ହେବା ପରେ ବିଳମ୍ବିତ ରାତିରେ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଛି। କନ୍ଧମାଳ ଜିଲାରେ ଦଳ ଯେଉଁମାନଙ୍କୁ ପ୍ରାର୍ଥୀ କରିଛି, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ପ୍ରାର୍ଥୀ ଘୋଷଣାକୁ କର୍ମୀମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଚଳିତ ନିର୍ବାଚନକୁ ନେଇ ସେମାନଙ୍କ ମଧ୍ୟରେ ଯେଉଁ ଆନନ୍ଦ ପରିଲକ୍ଷିତ ହେଉଥିଲା ତାହା ମଉଳି ଯାଇଛି। କଂଗ୍ରେସ ଛାମୁଆ କର୍ମୀଙ୍କ ଶିବିର ସମ୍ପୂର୍ଣ୍ଣ ସ୍ତବ୍ଧ ହୋଇଯାଇଛି।

ଗତ ୪ଟି ନିର୍ବାଚନ ଫଳାଫଳକୁ ଦେଖିଲେ କନ୍ଧମାଳ ଜିଲାରେ କଂଗ୍ରେସର ସ୍ଥିତି ବେଶ ବାରି ହୋଇପଡିବ। ଦିନେ କଂଗ୍ରେସର ଗଡ଼ ଥିବା ଏହି ଜିଲା ଦୀର୍ଘବର୍ଷ ଧରି ଏମ୍‌ପି ପ୍ରାର୍ଥୀ ଦେଖିନାହିଁ। ଚଳିତ ନିର୍ବାଚନରେ ସଂଗଠନ ସହ ଜଡିତ ଥିବା କିମ୍ବା ପୂର୍ବରୁ ଏମ୍‌ପି ହୋଇଥିବା ପ୍ରାର୍ଥୀ ନିର୍ବାଚନକୁ ଓହ୍ଲାଇ ପାରନ୍ତି ବୋଲି ଅନୁମାନ କରାଯାଉଥିଲା। ହେଲେ କଂଗ୍ରେସ ଯେଉଁ ନିଷ୍ପତ୍ତି ନେଇଛି, ତାହା ଖାଲି କର୍ମୀ ନୁହଁ ସଂଗଠନକୁ ଦୀର୍ଘବର୍ଷ ଧରି ରଖିଥିବା ନେତାଙ୍କୁ ମଧ୍ୟ ନିରାଶ କରିଛି। ଚଳିତ ନିର୍ବାଚନ ପାଇଁ କଂଗ୍ରେସ ବାଲିଗୁଡାର ମନୋଜ ଆଚାର୍ଯ୍ୟଙ୍କୁ ଏମ୍‌ପି ପ୍ରାର୍ଥୀ କରିଛି। ସେ ବାଲିଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ ୯ନଂ. ୱାର୍ଡ କାଉନ୍‌ସିଲର। ତାଙ୍କର ସଂଗଠନ ନାହିଁ କି ସେ ଦଳୀୟ କାର୍ଯ୍ୟକ୍ରମରେ ଓତପ୍ରୋତ ଭାବେ ଜଡିତ ନୁହନ୍ତି। ତାଙ୍କୁ ଜିଲାରେ ଭଲ ଭାବେ କେହି ଜାଣନ୍ତି ନାହିଁ।

ବାଲିଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ସିମନ ମଲ୍ଲିକଙ୍କୁ ପ୍ରାର୍ଥୀ କରିଛି। ୨୦୧୨ରେ କୋଟଗଡ ବ୍ଲକ ଯୁଡାବାଲି ପଞ୍ଚାୟତ ସରପଞ୍ଚ ଲାଗି ସେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ନିର୍ବାଚନରେ ମାତ୍ର ୩୬ ଖଣ୍ଡ ଭୋଟ ପାଇଥିଲେ। ତାଙ୍କୁ ଦଳ ବିଧାୟକ ପ୍ରାର୍ଥୀ କରିଛି।

ସେହିପରି ଫୁଲବାଣୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦଳ କିଶୋର କହଁରଙ୍କୁ ପ୍ରାର୍ଥୀ କରିଛି। ଦଳର କାର୍ଯ୍ୟକ୍ରମ ସହ ସେ ବିଶେଷ ଭାବେ ଜଡିତ ନୁହନ୍ତି। ଅନ୍ୟମାନଙ୍କ ତୁଳନାରେ ତାଙ୍କ ପ୍ରାର୍ଥିତ୍ୱକୁ ନେଇ ସେପରି ଆଲୋଚନା ନାହିଁ। ସେ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ। ଏବେ କୁସୁମେଣ୍ଡି(ଲାଇନପଡା)ର ସରପଞ୍ଚ ଅଛନ୍ତି। ନିଜ ଅଞ୍ଚଳରେ ମଧ୍ୟ ତାଙ୍କର ସେପରି ଦୃଢ଼ ସମର୍ଥକ ନାହାନ୍ତି।


ଗାଗଡପଦର ଗ୍ରାମବାସୀ।

# ଭୋଟ ବର୍ଜନ କରିବେ ଗାଗଡପଦରବାସୀ

**ଫିରିଙ୍ଗିଆ, ୧୯।୩**

ପ୍ରଶାସନକୁ ସମସ୍ୟା ପ୍ରଶାସନକୁ ଜଣାଇଥିଲୁ। ଏହାକୁ ଅଣଦେଖା କରି ଦାବିରେ ଯଥାର୍ଥତା ନ ଥିବା ଦର୍ଶାଗଲା। ଆମେ ଆମ ଦାବିରେ ଅଟଳ ରହିବୁ। ପ୍ରଶାସନ ଦାବି ନ ମାନିଲେ ନିର୍ବାଚନ ବର୍ଜନ କରିବୁ ବୋଲି ଫିରଙ୍ଗିଆ ବ୍ଲକ ସୁମରବନ୍ଧ ପଞ୍ଚାୟତ ଗାଗଡପଦର ୱାର୍ଡବାସୀ ପ୍ରକାଶ କରିବା ସହ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

ଗାଗଡପଦର ୱାର୍ଡଟି ପୂର୍ବରୁ ସାଡିଙ୍ଗିଆ ପଞ୍ଚାୟତରେ ଥିଲା। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହାକୁ ନୂତନ ପଞ୍ଚାୟତ ସୁମରବନ୍ଧରେ ମିଶାଯାଇଥିଲା। ହେଲେ ଗାଗଡପଦର ଲୋକେ ପୂର୍ବ ସାଡିଙ୍ଗିଆ ପଞ୍ଚାୟତରେ ରହିବାକୁ ଜିଦ୍ ଧରିଥିଲେ। ସେମାନଙ୍କ ୱାର୍ଡଠାରୁ ସୁମରବନ୍ଧ ପଞ୍ଚାୟତ ୧୨ କି.ମି. ଦୂର। ଏତେଦୂରରୁ ଚାଉଳ, ଭତ୍ତା ଆଦି ଆଣିବା ପାଇଁ ପାହାଡ ଚଢ଼ି ଯିବାକୁ ପଡୁଛି। ତେଣୁ ଯେଉଁ ପଞ୍ଚାୟତରେ ଥିଲୁ, ସେଥିରେ ରଖିଲେ ସବୁ ପ୍ରକାର ସୁବିଧା ହେବ ବୋଲି ୱାର୍ଡବାସୀ ଦର୍ଶାଇଥିଲେ। ମାତ୍ର ପ୍ରଶାସନ ଏହି ଦାବିରେ ଯଥାର୍ଥତା ନାହିଁ ବୋଲି ଦର୍ଶାଇଛି। ସୁମରବନ୍ଧଠାରୁ ଗାଗଡପଦର ୫ କିମି ଦୂର। ସେଠାକୁ ସବୁଦିନିଆ ରାସ୍ତା ଅଛି। ହିତାଧିକାରୀଙ୍କ ପାଇଁ ଗମନାଗମନରେ କୌଣସି ଅସୁବିଧା ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି। ପୁରାତନ ପଞ୍ଚାୟତ ସାଡିଙ୍ଗିଆଠାରୁ ଗାଗଡପଦର ୩ କିମି ୫୦ ମିଟର ଦୂର ବୋଲି କହି ପ୍ରଶାସନ ଆମ ଗୁହାରୀକୁ ଟାଳି ଦେଇଛି ବୋଲି ଗ୍ରାମର ଦୟାନିଧି କହଁର, ତାରାବତୀ କହଁର ପ୍ରମୁଖ ପ୍ରକାଶ କରିଛନ୍ତି।

## ■ ବାଲିଗୁଡ଼ା ବିଜେଡି, କଂଗ୍ରେସ କର୍ମୀ ମହଲରେ ଖୁସି

# ଉଭୟ ଦଳରେ ନୂଆ ମୁହଁ

**ବାଲିଗୁଡ଼ା, ୧୯।୩(ଡି.ଏନ୍.ଏ.)**

ଦୀର୍ଘଦିନର ଟିକେଟ କସରତ ପରେ ରାଜ୍ୟର ଦୁଇ ପ୍ରମୁଖ ଦଳ ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। କନ୍ଧମାଳ ଲୋକସଭା ଆସନ ପାଇଁ ବିଜେଡିରୁ ରାଜ୍ୟସଭା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ନାମ ଘୋଷଣା ହୋଇଥିବାବେଳେ କଂଗ୍ରେସରୁ ମନୋଜ କୁମାର ଆଚାର୍ଯ୍ୟଙ୍କ ନାମ ଘୋଷଣା ହୋଇଛି। ବାଲିଗୁଡ଼ା ବିଧାନସଭା ଆସନ ପାଇଁ ବିଜେଡି ପକ୍ଷରୁ ଚକ୍ରମଣି କହଁର ଓ କଂଗ୍ରେସ ପକ୍ଷରୁ ସିମନ ମଲ୍ଲିକଙ୍କ ନାମ ଘୋଷଣା ହୋଇଛି। ଉଭୟ ଲୋକସଭା ଓ ବିଧାନସଭା ନିମନ୍ତେ ଘୋଷଣା ହୋଇଥିବା ପ୍ରାର୍ଥୀମାନେ ପୁରୁଣା ରାଜନୀତିଜ୍ଞ ହୋଇଥିବାବେଳେ ସାଂସଦ ଓ ବିଧାୟକ ପଦ ପାଇଁ ନୂଆ ମୁହଁ ନେଇ ମଇଦାନକୁ ଓହ୍ଲାଇଛନ୍ତି। ବାଲିଗୁଡ଼ା ବିଧାନସଭାର ବିଜେଡି ପ୍ରାର୍ଥୀ ଚକ୍ରମଣି କହଁରଙ୍କର ନିଜ ଗ୍ରାମ ହେଉଛି ବାଲିଗୁଡ଼ା ଉପଖଣ୍ଡ କ.ନୂଆଗାଁ ବ୍ଲକ ସାଇନପଡ଼ା ପଞ୍ଚାୟତର ଦାଉଙ୍ଗିଆ। ସେ ୨୦୧୭ରୁ କ.ନୂଆଗାଁ ବ୍ଲକ ଅଧ୍ୟକ୍ଷ ପଦରେ ଅବସ୍ଥାପିତ ଅଛନ୍ତି।

କଂଗ୍ରେସର ଏମ୍‌ପି ପ୍ରାର୍ଥୀ ମନୋଜ କୁମାର ଆଚାର୍ଯ୍ୟ ବାଲିଗୁଡ଼ା ବାସିନ୍ଦା। ସେ ଜିଲା କଂଗ୍ରେସର ଉପସଭାପତି। ତଥା କନ୍ଧମାଳର ବରିଷ୍ଠ କଂଗ୍ରେସ ନେତା ସୀମାଞ୍ଚଳ ଆଚାର୍ଯ୍ୟଙ୍କ ପୁଅ। ମନୋଜ ବର୍ତ୍ତମାନ ବାଲିଗୁଡ଼ା ଏନ୍‌ଏସିର ୯ ନମ୍ବର ୱାର୍ଡ କାଉନସିଲର ଅଛନ୍ତି ଏବଂ ବ୍ଲକ ନଗର କଂଗ୍ରେସର ସଭାପତି ମଧ୍ୟ ରହିଛନ୍ତି। ବିଧାୟକ ପ୍ରାର୍ଥୀ ସିମନ ମଲିକ କୋଟଗଡ ବ୍ଲକ ଅଞ୍ଚଳର ବାସିନ୍ଦା ଅଟନ୍ତି। ସେ ମଧ୍ୟ ଅଳ୍ପ ବହୁତରେ ରାଜନୀତି କ୍ଷେତ୍ରରେ ରହି ଜନସାଧାରଣଙ୍କ ସୁବିଧା ଅସୁବିଧାରେ ସହଯୋଗ କରି ଆସୁଛନ୍ତି।

# ଗୋଡ଼େଇ କାମୁଡ଼ିଲା ପୋଷା କୁକୁର: ଦୁଇ ବାଳକ ଗୁରୁତର

**କପ୍ତିପଦା, ୧୯।୩(ଡି.ଏନ.ଏ)**

କପ୍ତିପଦା ବ୍ଲକ୍ ଅଧୀନ ଜାମବଣି ପଞ୍ଚାୟତର ବଡ଼ାମପଦା ଗ୍ରାମରେ ପୋଷା କୁକୁର ଆକ୍ରମଣରେ ଦୁଇଜଣ ବାଳକ ଗୁରୁତର ହୋଇଛନ୍ତି। ଗୁରୁତର ବାଳକ ଦ୍ୱୟ ହେଲେ ସେହି ଗ୍ରାମର ରାଜୀବ ଲୋଚନ ପରିଡ଼ାଙ୍କ ପୁଅ ମୁକ୍ତେଶ୍ୱର (୯) ଓ ତୃପ୍ତେଶ୍ୱର। ଉଭୟେ ସ୍କୁଲ୍‌ରୁ ଫେରି ଘର ନିକଟରେ ଖେଳୁଥିଲେ। ନିକଟରେ ପୋଷା କୁକୁରଟି ବୁଲୁଥିବା ବେଳେ ହଠାତ୍ ମୁକ୍ତେଶ୍ୱରଙ୍କୁ ଗୋଡ଼ାଇ ଗୋଡ଼ାଇ କାମୁଡ଼ିଥିଲା। ତୃପ୍ତେଶ୍ୱର ଭାଇକୁ ରକ୍ଷା କରିବାକୁ ଚେଷ୍ଟା କରୁଥିବାବେଳେ କୁକୁରଟି ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲା। ପରିବାର ଲୋକେ ସେମାନଙ୍କୁ କପ୍ତିପଦା ଡ଼ାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଇ ବାଲେଶ୍ୱରର ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।

# ସିଆର୍‌ପିଏଫ୍‌ର ପ୍ରତିଷ୍ଠା ଦିବସ

**ବାଲିଗୁଡା, ୧୯।୩(ଡି.ଏନ୍.ଏ.)**

୧୨୭ ବାଟାଲିୟନ ସିଆରପିଏଫର ୮୦ ତମ ପ୍ରତିଷ୍ଠା ଦିବସ କନ୍ଧମାଳ ଜିଲା ବାରଖମା ପୋଲିସ ଫାଣ୍ଡି ନିକଟରେ ପାଳନ କରାଯାଇଛି। ପୁଲୱାମାରେ ଶହୀଦ ସିଆରପିଏଫ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିବାପରେ ପ୍ରତିଷ୍ଠା ଦିବସର ଉଦ୍‌ଘାଟନ କରିଥିଲେ କମାଣ୍ଡାଣ୍ଟ ଜି.କୁମାର। ଭାରତର ସବୁଠାରୁ ବଡ଼ ସୁରକ୍ଷା ବଳ ସିଆରପିଏଫ। ଆମେ ନିଜ କର୍ତ୍ତବ୍ୟ ଅତି ନିଷ୍ଠାପର ଭାବେ ପାଳନ କରୁଛୁ। ସିଆରପିଏଫ ୧୯୩୯ ମସିହାରେ ଜନ୍ମଗ୍ରହଣ କରିଥିଲା। ପୁଲୱାମା ଆତଙ୍କି ହମଲାରେ ଶହୀଦ ଯବାନଙ୍କ ପାଇଁ ଚଳିତବର୍ଷ ପ୍ରତିଷ୍ଠା ଦିବସ ସାଧାରଣ ଭାବରେ ପାଳନ କରୁଛୁ ଏହି ଦିବସ ବୋଲି କହିଛନ୍ତି କମାଣ୍ଡାଣ୍ଟ। ଏଥିରେ କମାଣ୍ଡାଣ୍ଟ ଜି.କୁମାର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଲଲନକୁମାର, ଇନ୍‌ସପେକ୍ଟର ଚକ୍ରଧାରୀ, ପ୍ରଶାନ୍ତ କୁମାର ବେହେରାଙ୍କ ସମେତ ସିଆର୍‌ପିଏଫ ୧୨୭ ବାଟାଲିୟନର ବହୁ ବରିଷ୍ଠ ଅଧିକାରୀ ଓ ଯବାନମାନେ ସାମିଲ ହୋଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ଯବାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଖୋଲିଗଲା ଇଟା ବୋଝେଇ ଟ୍ରାକ୍ଟର ଡାଲା, ୨ ଗୁରୁତର


ଦୁର୍ଘଟଣାଗ୍ରସ୍ତ ଇଟା ବୋଝେଇ ଟ୍ରାକ୍ଟର।

**ଦାରିଙ୍ଗବାଡ଼ି, ୧୯।୩(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ଥାନା ଡୁଲୁରୀ କୁମ୍ଭାର ସାହି ନିକଟରେ ଏକ ଇଟା ବୋଝେଇ ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ପରପାଙ୍କା ଗ୍ରାମର ପିଣ୍ଟୁ ପ୍ରଧାନ ଏବଂ ମିଡିଆଗୁଟାର ସୁମନ୍ତ ପ୍ରଧାନ। ଦାରିଙ୍ଗବାଡ଼ି ଅଞ୍ଚଳରୁ ଏହି ନମ୍ବରବିହୀନ ନୂଆ ଟ୍ରାକ୍ଟରରେ ଇଟା ବୋଝେଇ ହୋଇ ବ୍ରାହ୍ମଣୀଗାଁ ଅଭିମୁଖେ ଯାଉଥିଲା। ଡୁଲୁରୀ କୁମ୍ଭାର ସାହିଠାରେ କୌଣସି ପ୍ରକାରେ ଡାଲା ଖୋଲିଯିବାରୁ ଇଟାଗୁଡ଼ିକ ରାସ୍ତାରେ ବିଛାଇ ହୋଇପଡ଼ିଥିଲା। ଟ୍ରାକ୍ଟରରେ ବସିଥିବା ପିଣ୍ଟୁ ଓ ସୁମନ୍ତ ଆହତ ହୋଇଥିଲେ। ଦୁର୍ଘଟଣା ଯୋଗୁ ଦାରିଙ୍ଗବାଡ଼ି ଠାରୁ ବ୍ରାହ୍ମଣୀଗାଁ ପୂର୍ତ୍ତବିଭାଗ ରାସ୍ତାରେ କିଛି ସମୟ ପାଇଁ ଯାତାୟାତ ଠପ୍ ହୋଇଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଦାରିଙ୍ଗବାଡ଼ି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ରାସ୍ତାରୁ ହଟାଯାଇଥିବା ଏଏସଆଇ ଆର.ଭୀମାରାଓ ରେଡ୍ଡୀ କହିଛନ୍ତି।

# 'ମାନବ ଜୀବନରେ ଯୋଗ ଦର୍ଶନର ପ୍ରୟୋଗ ଲୋଡ଼ା'

**ବଡ଼ସାହି, ୧୯।୩(ସ୍ୱ.ପ୍ର.)**

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ଚେଙ୍ଗୁଆ ମଙ୍ଗଳପୁର ଆନନ୍ଦାନନ୍ଦ ଶିବମୁନି ଯୋଗାଶ୍ରମର ୨୬ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶା ପ୍ରାନ୍ତ ମୁନି ସମାଜର ଅଧ୍ୟକ୍ଷ ଯୋଗାଚାର୍ଯ୍ୟ ଶଶଧର ମୁନି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଆଶ୍ରମ ସଭାପତି ଯୋଗୀ ମୁରଲୀ ମୁନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗୀ ବିକାଶ ମୁନି ଯୋଗଦେଇ ଯୋଗଦର୍ଶନର ବ୍ୟାଖ୍ୟା କରିବା ସହ ମାନବ ଜୀବନରେ ଏହାର ପ୍ରୟୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗାଚାର୍ଯ୍ୟ ଶଶଧର ମୁନି, ସମ୍ମାନନୀୟ ବକ୍ତା ଜ୍ଞାନଦୀପ ପତ୍ରିକାର ସମ୍ପାଦକ ଯୋଗୀ ସଞ୍ଜୟ ମୁନି, ଆଶୁକବି ମୁନି ନରହରି ମହାନ୍ତ ଯୋଗଦେଇ ସାମାଜିକ ଜୀବନକୁ ଯୋଗଦର୍ଶନ ସରସ ସୁନ୍ଦର କରିଛି ବୋଲି କହିଥିଲେ। ଯୋଗୀ ନୀଳାମ୍ବର ମୁନି ଓ ଯୋଗୀ ତ୍ରିଲୋଚନ ମୁନି ସଙ୍ଗୀତ ପରିବେଷଣ କରିଥିଲେ। ଆଶ୍ରମାଚାର୍ଯ୍ୟ ଯୋଗୀ ହରେକୃଷ୍ଣ ମୁନି, ସମ୍ପାଦକ ମୁନି ପରମେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଘରେ ଘରେ ଶଙ୍ଖ, ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

**ଦାରିଙ୍ଗବାଡ଼ି, ୧୯।୩(ଡି.ଏନ.ଏ.)**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଦଳୀୟ କର୍ମୀ ଓ ନେତା।

ଦାରିଙ୍ଗବାଡ଼ି ସାରିଙ୍ଗିଇର୍ପି ପଡ଼ିଆଠାରେ ମଙ୍ଗଳବାର ବିଜେଡିର ଘରେ ଘରେ ଶଙ୍ଖ ଓ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେଡି ବ୍ଲକ ସଭାପତି ଦିଲୀପ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁବେନ୍ଦ୍ରୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଅଞ୍ଚଳର ଜଣେ ଜନଜାତି ଲଡୁଆ ପୁଅ ତଥା ପୂର୍ବତନ ବିଧାୟକ ସାଲୁଗା ପ୍ରଧାନଙ୍କୁ ଦୀର୍ଘ ୧୫ ବର୍ଷ ପରେ ପୁଣି ପ୍ରାର୍ଥୀ ମନୋନୀତ କରିଥିବାରୁ ତାଙ୍କୁ ସାଧୁବାଦ ଦିଆଯାଇଥିଲା। ନବୀନଙ୍କ ହାତ ମୁଠା ଟାଣ କରିବା ନିମନ୍ତେ ବିଧାୟକ ପ୍ରାର୍ଥୀ ସାଲୁଗା ପ୍ରଧାନଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରିବାକୁ ନିବେଦନ କରାଯାଇଥିଲା। ଏଥିସହ ଘରେ ଘରେ ଶଙ୍ଖଚିହ୍ନ ପହଞ୍ଚାଇବା, କେନ୍ଦ୍ରରେ ଶାସନ କରୁଥିବା ମୋଦୀ ସରକାର କିଭଳି ଓଡ଼ିଶାବାସୀଙ୍କ ହକ୍ ଛଡ଼ାଇ ନେଇଛି ତାହା ଆଲୋଚନା କରାଯାଇଥିଲା। କେନ୍ଦ୍ର ସରକାର ବିଦେଶରୁ କଳାଧନ ଫେରାଇ ଆଣିବା, ପ୍ରତିବର୍ଷ ଦେଶରେ ୨କୋଟି ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଆଦି ଦେଇଥିବା ପ୍ରତିଶ୍ରୁତି ମିଥ୍ୟା ପ୍ରମାଣିତ ହେଲା ବୋଲି କୁହାଯାଇଥିଲା। ଅନୁସୂଚିତ ଜାତି ଏବଂ ଜନଜାତିଙ୍କ ୮୦ ପ୍ରତିଶତ ଭତ୍ତାକୁ କେନ୍ଦ୍ର ସରକାର ବନ୍ଦ କରି ଦେଇଥିବା ଦଳ ପକ୍ଷରୁ ଅଭିଯୋଗ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ପ୍ରଧାନ, ଜିଲା ଉପସଭାପତି କ୍ଷେତ୍ରୀବଳ ନାୟକ, ଯୁନସ ପ୍ରଧାନ, ତ୍ରିନାଥ ନାୟକ, ପରମେଶ୍ୱର ପ୍ରଧାନ, ରଞ୍ଜନ ଦିଗାଳ, ଧନଞ୍ଜୟ ପ୍ରଧାନ, ରତ୍ନସିଂ ପାତ୍ରଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ। ତିଲୋରି ପଞ୍ଚାୟତର ବରିଷ୍ଠ ଭାଜପା କର୍ମୀ ନବ ମଲ୍ଲିକ ବିଜେଡିରେ ସାମିଲ ହୋଇଥିବା ବ୍ଲକ ସଭାପତି ଦିଲୀପ ପ୍ରଧାନ ସୂଚନା ଦେଇଛନ୍ତି।

# ଭୋଟ ବର୍ଜନ କରିବ ଏମ୍‌ପିଙ୍କ ଆଦର୍ଶ ଗାଁ

**ପାତ୍ରପୁର, ୧୯।୩(ଡି.ଏନ୍.ଏ.)**

ବ୍ରହ୍ମପୁର ସଂସଦୀୟକ୍ଷେତ୍ର ଚିକିଟି ନିର୍ବାଚନ ମଣ୍ଡଳୀ ପାତ୍ରପୁର ବ୍ଲକର ଏମ୍‌ପିଙ୍କ ଆଦର୍ଶ ପଞ୍ଚାୟତ ହେଉଛି କେଶରୀପଡା। ବିକାଶ ହୋଇ ନ ଥିବାରୁ ଚଳିତ ନିର୍ବାଚନରେ ଏହି ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ମଙ୍ଗଳବାର ଏକ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଗତ ନିର୍ବାଚନବେଳେ ଗ୍ରାମ୍ୟ ମଣ୍ଡପରେ ଗ୍ରାମ୍ୟସ୍ତରୀୟ ବୈଠକ କରି ବିଜୁ ଜନତା ଦଳକୁ ଭୋଟ ଦେବାପାଇଁ ନିଷ୍ପତ୍ତି କରାଯାଇଥିଲା। ସେହି ଅନୁଯାୟୀ ନିର୍ବାଚନବେଳେ ଗ୍ରାମବାସୀ ବୈଠକ କରି ବିଜେଡିକୁ ଭୋଟ ଦେବାକୁ ସ୍ଥିର ହୋଇଥିଲା। ପରେ ଓଡ଼ିଶା ଆନ୍ଧ୍ର ସୀମାନ୍ତରେ ଥିବା ଉକ୍ତ କେଶରୀପଡ଼ା ଗ୍ରାମକୁ ବ୍ରହ୍ମପୁର ଏମ୍‌ପି ସିଦ୍ଧାନ୍ତ ମହାପାତ୍ରଙ୍କ ଆଦର୍ଶ ଗ୍ରାମ ଭାବେ ଘୋଷଣା କରାଯାଇଥିଲା। ଘୋଷଣା ପରେ ଗ୍ରାମବାସୀ ଉନ୍ନତି ହେବ ବୋଲି ଆଶା ବାନ୍ଧିଥିଲେ। ହେଲେ ୧୦ବର୍ଷ ବିତିଯାଇଥିଲେ ମଧ୍ୟ ପଞ୍ଚାୟତର ଗୋଟିଏ ହେଲେ ସମସ୍ୟାର ସମାଧାନ ହୋଇନାହିଁ। ଏବେବି ମୌଳିକ ସମସ୍ୟାରୁ ଗ୍ରାମବାସୀ ବଞ୍ଚିତ। ଫଳରେ ମଙ୍ଗଳବାର ଢ଼େଣ୍ଟୁରା ଦେଇ ପୁଣି ଗ୍ରାମ୍ୟ ମଣ୍ଡପରେ ବୈଠକ ହୋଇ ଭୋଟ୍ ବର୍ଜନ ନିଷ୍ପତ୍ତି ହୋଇଛି।


ଗାଁ ମଣ୍ଡପରେ ଏକାଠି ହୋଇଥିବା ଗ୍ରାମବାସୀ।

## ■ ଦୀର୍ଘଦିନର ଦାବି ପରେ ଖୋଲିଲା ମଣ୍ଡି

# ଚାଷୀ ବିକିଲେ ୨୫ କୁଇଣ୍ଟାଲ ହଳଦୀ

**ଦାରିଙ୍ଗବାଡ଼ି, ୧୯।୩(ଡି.ଏନ.ଏ)**

ଦୀର୍ଘଦିନର ଦାବି ପରେ ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ହଳଦୀ ମଣ୍ଡି ମାଧ୍ୟମରେ ହଳଦୀ କିଣାଯିବାକୁ ପଦକ୍ଷେପ ନିଆଯାଇଛି। ଟିକାବାଲି ନିୟନ୍ତ୍ରିତ ବଜାର କମିଟି (ରାଇକିଆ)ର ସମ୍ପାଦକ ସୁରେଶ ଚନ୍ଦ୍ର ବେହେରା ମଙ୍ଗଳବାର ଏହାର ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିନ ଚାଷୀଙ୍କଠାରୁ ପ୍ରାୟ ୨୫ କୁଇଣ୍ଟାଲ ହଳଦୀ କିଣାଯାଇଛି। ଏକାଧିକ ବ୍ୟବସାୟୀ ଯୋଗଦେଇ ନିଲାମ ଡାକିଥିଲେ ମଧ୍ୟ ସର୍ବାଧିକ ଦର କିଲୋ ପିଛା ୬୦ ଟଙ୍କାରେ କସମ (କନ୍ଧମାଳ ଆପେକ୍ସ ସ୍ପାଇସେସ ଆସୋସିଏସନ ଫର ମାର୍କେଟିଂ) ପକ୍ଷରୁ କିଣାଯାଇଛି। ଏଣିକି ପ୍ରତି ମଙ୍ଗଳବାର ଏହି ମଣ୍ଡି ଖୋଲିବ। ଅଧିକରୁ ଅଧିକ ଚାଷୀଙ୍କୁ ଏଥିପାଇଁ ସଚେତନ କରାଯିବ ବୋଲି ସମ୍ପାଦକ ବେହେରା ସୂଚନା ଦେଇଛନ୍ତି। ଯେଉଁ ଚାଷୀ ପଞ୍ଜୀକରଣ କରାଇଥିବେ ସେମାନେ ଏହି ମଣ୍ଡି ମାଧ୍ୟମରେ ହଳଦୀ ବିକ୍ରି କରିବେ। ତେଣୁ ଅଧିକାଂଶ ଚାଷୀ ହଳଦୀ ବିକ୍ରି କରିପାରିନାହାନ୍ତି। ପୂର୍ବଭଳି ଆଉ ବ୍ୟବସାୟୀମାନେ ଚାଷୀଙ୍କଠୁ ସିଧା ହଳଦୀ କିଣିବେନି। ସେମାନେ ମଧ୍ୟ ନିୟନ୍ତ୍ରିତ ବଜାର କମିଟି ମାଧ୍ୟମରେ ମଣ୍ଡିରେ ପଞ୍ଜୀକରଣ କରି କିଣିବେ। ବିନା ପଞ୍ଜୀକରଣରେ କିଣିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସମ୍ପାଦକ ବେହେରା କହିଛନ୍ତି।


ମଣ୍ଡି ଉଦ୍‌ଘାଟନ କରାଯାଉଛି।

ସୂଚନାଯୋଗ୍ୟ, କନ୍ଧମାଳରେ ଜୈବିକ ପଦ୍ଧତିରେ ହଳଦୀ ଚାଷ କରାଯାଉଛି। ଦେଶ ଓ ବିଦେଶରେ ଏହାର ଚାହିଦା ରହିଛି। ଚାଷୀ ଯେଉଁ ଅନୁପାତରେ ଚାଷ କାର୍ଯ୍ୟରେ ଖର୍ଚ୍ଚ, ପରିଶ୍ରମ କରୁଛି ସେହି ଅନୁଯାୟୀ ପ୍ରାପ୍ୟ ପାଉନାହିଁ। ଏ ନେଇ ଆଞ୍ଚଳିକ ହଳଦୀ ଚାଷୀ ମହାସଂଘ ପକ୍ଷରୁ ହଳଦୀ କିଲୋ

### କି.ଗ୍ରା ପ୍ରତି ଦର ୬୦ଟଙ୍କା

ପିଛା ୧୦୦ରୁ ୧୨୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯିବାକୁ ଦାବି ହେଉଥିଲା। ଏଣିକି ଠିକ ଦରରେ ମଣ୍ଡିରେ ବିକି ପାରିବେ ବୋଲି ହଳଦୀ ଚାଷୀ ଆଶା ବାନ୍ଧିଥିବା ଆଞ୍ଚଳିକ ହଳଦୀ ଚାଷୀ ମହାସଂଘର ସମ୍ପାଦକ ବୁଲୁ ଡିଗଲ ଏବଂ ସଭାପତି ଶୋଭରାଜ ପ୍ରଧାନ କହିଛନ୍ତି। ହଳଦୀ ମଣ୍ଡି ଖୋଲାଯାଇଥିବାରୁ ଚାଷୀମାନେ ନିୟନ୍ତ୍ରିତ ବଜାର କମିଟିର ଅଧ୍ୟକ୍ଷ ତଥା ବାଲିଗୁଡ଼ା ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ବାହୁସାହେବ ଏବଂ ସମ୍ପାଦକ ବେହେରାଙ୍କୁ ସାଧୁବାଦ ଜଣାଇଛନ୍ତି। ମଣ୍ଡି ଉଦଘାଟନ ସମୟରେ ଦାରିଙ୍ଗବାଡ଼ି ବଣିକ ସଂଘ ସଭାପତି ଅରୁଣ କୁମାର ସାହୁ, ରମେଶ ଚନ୍ଦ୍ର ସାହୁ, ଦୁର୍ଗାପ୍ରସାଦ ସୁବୁଦ୍ଧି, ସନ୍ଦିପ ପାତ୍ର, ସରୋଜ କୁମାର ସାହୁ, ସନୋଜ ସାହୁ ଏବଂ କସମର କର୍ମକର୍ତ୍ତା ଉପସ୍ଥିତ ଥିଲେ।

